# ଓଡ଼ିଶା ପୁନର୍ବାସ ଓ ପୁନଃସଂସ୍ଥାନ ନୀତି- ୨୦୦୬ ଉପରେ ପୋସ୍କୋ-ପ୍ରଭାବିତ ଜନସାଧାରଣଙ୍କ ତରଫରୁ ଏକ ସ୍ମାରକ ପତ୍ର

ମାନନୀୟ ରାଜ୍ୟପାଳ, ଓଡ଼ିଶା, ମହୋଦୟ... ସମୀପେଷୁ ।

ପ୍ରସଙ୍ଗ- ଓଡ଼ିଶା ପୁନର୍ବାସ ଓ ପୁନଃସଂସ୍ଥାନ ନୀତି ୨୦୦୬ ଉପରେ ଏକ ବ୍ୟାପକ ଜନ ବିତର୍କର ଆବଶ୍ୟକତା ।

ମହାଶୟ,

ଆପଣଙ୍କ ସରକାର ନିକଟ ଅତୀତରେ ବିସ୍ଥାପିତ ଲୋକଙ୍କ ପୁନର୍ବାସ ଓ ପୁନଃସଂସ୍ଥାନ ସମ୍ବନ୍ଧରେ ଏକ ନୀତି ପ୍ରଣୟନ କରିଛନ୍ତି । ଏହାକୁ ଆମ୍ଭେ ଅଧ୍ୟୟନ କଲାପରେ ଜାଣିବାକୁ ପାଇଲୁ ଯେ, ଏହା ଏକ ଦୁର୍ବୋଧ ଓ ଜଟିଳ ଦଲିଲ୍, ଯାହାକୁ ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି ମଧ୍ୟ ଠିକ୍ ରୂପେ ବୁଝିପାରିବ ନାହିଁ, ସାଧାରଣ ଲୋକେ ବୁଝିବା ଦୂରର କଥା । ଦ୍ୱିତୀୟତଃ, ଏହି ନୀତିରେ ବହୁ ପରସ୍ପର ବିରୋଧି ବ୍ୟବସ୍ଥାମାନ ଥିବାରୁ ଏହା ମୋଟେ କାର୍ଯ୍ୟକାରୀ ହୋଇ ପାରିବ କି ନା ସନ୍ଦେହ । ତୃତୀୟତଃ, ବିସ୍ଥାପିତ ଲୋକଙ୍କ ଅଧିକାର ସମ୍ବନ୍ଧରେ ଏଥିରେ ଥିବା ପ୍ରତି ବ୍ୟବସ୍ଥା ଏତେ ବେଶୀ ସର୍ତ୍ତବହୁଳ ଯେ, କୌଣସିଟି ଅଧିକାର ବାସ୍ତବରେ ହାସଲ ହୋଇ ପାରିବ ବୋଲି ବିଶ୍ୱାସ କରିହେଉନି । ଚତୁର୍ଥତଃ, ପୂର୍ବରୁ ଯେଉଁସବୁ ଦାବୀ ଓ ଅଧିକାରକୁ ସାବ୍ୟସ୍ତ କରିବାପାଇଁ ବିସ୍ଥାପିତ ଲୋକେ ଅନ୍ତତଃ ଅଦାଲତର ଆଶ୍ରୟ ନେଇପାରୁଥିଲେ, ବର୍ତ୍ତମାନର ନୀତି ଲାଗୁ ହେବା ପରେ ତହିଁର ସୁଯୋଗ ମଧ୍ୟ ପୁରାପୁରି ଲୋପପାଇବ ବୋଲି ଆମର ଆଶଙ୍କା । ପଞ୍ଚମତଃ, ଏହି ନୀତିର ବ୍ୟବସ୍ଥାଗୁଡ଼ିକ ଏପରି ଭାବରେ ତିଆରି କରାଯାଇଛି ଯେ, ଭୂମିବାନ୍ କି ଭୂମିହୀନ, କୌଣସି ବିସ୍ଥାପିତ ବ୍ୟକ୍ତି ଏହା ଫଳରେ ସୁନିର୍ଦ୍ଦିଷ୍ଟ ପ୍ରାପ୍ୟ ପାଇ ପାରିବେ ନାହିଁ । ସର୍ବୋପରି, ଏହିନୀତି ଅନୁଯାୟୀ ରାଜ୍ୟସରକାର ଲୋକଙ୍କଠାରୁ ଜମି ଅଧିଗ୍ରହଣ କରିବେ ବୋଲି ସୁନିର୍ଦ୍ଦିଷ୍ଟ ବ୍ୟବସ୍ଥା ଥିବାବେଳେ ବିସ୍ଥାପିତ ଲୋକଙ୍କ ପୁନର୍ବାସ ଓ ପୁନଃସଂସ୍ଥାନ ପାଇଁ ସରକାର ନିଜେ ଉତ୍ତରଦାୟୀ ନରହି ପ୍ରକଳ୍ପ କର୍ତ୍ତୃପକ୍ଷ (ଯେଉଁମାନେ ଦେଶୀ ବା ବିଦେଶୀ ଘରୋଇ କମ୍ପାନୀ ହୋଇପାରନ୍ତି)ଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ବିସ୍ଥାପିତ ଲୋକେ ଏହି ଘରୋଇ ସଂସ୍ଥାମାନଙ୍କଠାରୁ ସେମାନଙ୍କର ନ୍ୟାଯ୍ୟ ପ୍ରାପ୍ୟ କିପରି ହାସଲ କରିପାରିବେ, ତହିଁର ଅବତାରଣା ଏହି ନୀତିରେ ମୋଟେ ନାହିଁ ।

ଆମ୍ଭେ ଜଗତସିଂହପୁର ଜିଲ୍ଲାରେ ପ୍ରସ୍ତାବିତ 'ପୋସ୍କୋ' ପ୍ରକଳ୍ପ ଅଞ୍ଚଳର ବାସିନ୍ଦା ଭାବେ ଏହି ଅଞ୍ଚଳର ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ପ୍ରସ୍ତାବିତ ବିସ୍ଥାପନ ନୀତିର ନିମ୍ନୋକ୍ତ କେତୋଟି ମୁଖ୍ୟ ଦିଗ ପ୍ରତି ଆପଣଙ୍କର ଧ୍ୟାନ ଆକର୍ଷଣ କରିବାକୁ ଚାହୁଁ ।

୧) **Type-A Industrial Project** ବା ଶିଳ୍ପ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେଉଥିବା ଲୋକଙ୍କୁ 'ଜମି ବଦଳରେ ଜମି' କିମ୍ବା 'ଜମି ବଦଳରେ ଆନୁପାତିକ କ୍ଷତିପୂରଣ' ଦେବାର ବ୍ୟବସ୍ଥା ପ୍ରସ୍ତାବିତ ରାଜ୍ୟ ବିସ୍ଥାପନ ନୀତିରେ ମୋଟେ ନାହିଁ । [ ଦ୍ରଷ୍ଟବ୍ୟ ଧାରା ୮(୧) ]

୨) ପ୍ରସ୍ତାବିତ ନୀତିରେ 'ବସ୍ଥାପିତ ପରିବାର' ସଂଜ୍ଞାକୁ ଅତୀବ ସଙ୍କୁଚିତ କରାଯାଇ କେବଳ ଘରଡ଼ିହ **(homestead)** ହରାଉଥିବା ପରିବାରକୁ ବିସ୍ଥାପିତ ପରିବାର ବୋଲି କୁହାଯାଇଛି । ଅର୍ଥାତ୍ ଚାଷଜମି ଓ କୌଣସି ପେଷା ହରାଉଥିବା ପରିବାର ଏହି ନୀତି ଅନୁଯାୟୀ ବିସ୍ଥାପିତ ପରିବାର ବୋଲି ବିବେଚିତ ହେବେ ନାହିଁ କିମ୍ବା ବିସ୍ଥାପନ କାରଣରୁ ପୁନର୍ବାସ ଓ ପୁନଃସଂସ୍ଥାନର ସୁଯୋଗର ହକ୍‌ଦାର ହୋଇପାରିବେ ନାହିଁ । [ଦ୍ରଷ୍ଟବ୍ୟ ଧାରା ୨(ଡ଼ି)]

୩) ପରିବାରର ସଂଜ୍ଞାକୁ ପରିବର୍ଦ୍ଧନ କରାଯାଇ ଧାରା ୨ (ଏଫ୍)ରେ କୁହାଯାଇଛି ଯେ, ୫ ପ୍ରକାର ବ୍ୟକ୍ତି (ସାବାଳକ ପୁଅ, ୩୦ ବର୍ଷରୁ ଊର୍ଦ୍ଧ୍ୱ ଅବିବାହିତ ଝିଅ, ଶାରିରୀକ କି ମାନସିକ ଦୃଷ୍ଟିରୁ ପଙ୍ଗୁ, ନାବାଳକ ଅନାଥ ପିଲା, ବିଧବା କି ଛାଡ଼ପତ୍ର ନେଇଥିବା ମହିଳା) ଗୋଟିଏ ଏକାନ୍ନ ପରିବାର ମଧ୍ୟରେ ରହୁଥିଲେ ବି ପ୍ରତ୍ୟେକଙ୍କୁ ସ୍ୱତନ୍ତ୍ରଭାବେ 'ପରିବାର' ବୋଲି ମାନ୍ୟତା ଦିଆଯିବ ଓ ପ୍ରତ୍ୟେକଙ୍କୁ ଅଲଗା ଅଲଗା ଭାବେ ପୁନର୍ବାସ ଓ ପୁନଃସଂସ୍ଥାନ ସୁଯୋଗ ମିଳିବ । କିନ୍ତୁ ସେହି ନୀତିର ଅନ୍ୟ ଏକ ସ୍ଥାନରେ କୁହାଯାଇଛି ଯେ, ଶିଳ୍ପ ପ୍ରକଳ୍ପ ଜନିତ ବିସ୍ଥାପିତ ପରିବାରଙ୍କୁ ନିଯୁକ୍ତି ସହାୟତା ବାବଦ ଏକକାଳୀନ ଅର୍ଥରାଶି ପ୍ରଦାନ କ୍ଷେତ୍ରରେ କେବଳ ମୂଳ ଏକାନ୍ନ ପରିବାରର ମାତ୍ର ଜଣଙ୍କୁ ହିଁ ଏହା ଦିଆଯିବ । [ଦ୍ରଷ୍ଟବ୍ୟ ଧାରା ୮(୧ ଏ)]

୪) ଏହି ନୀତିରେ ଭୂମିହୀନ ଓ ଘରଡ଼ିହହୀନ ଜବରଦଖଲକାରୀ ପରିବାରମାନଙ୍କୁ ଜମି ଓ ବାସଗୃହ ବାବଦ କଛି ସୁବିଧା ମିଳିବ ବୋଲି କୁହାଯାଇଛି କିନ୍ତୁ, ଏଭଳି ପରିଭାଷାରେ ଏବଂ ସର୍ତ୍ତସାପେକ୍ଷ କରି ଏହାକୁ ଲେଖାଯାଇଛି ଯେ, କୌଣସି ଭୂମିହୀନ କି ଘରଡ଼ିହହୀନ ଲୋକେ ଏହି ସୁବିଧା ମୋଟେ ପାଇପାରିବେ ନାହିଁ । ପ୍ରଥମତଃ, ଏଥିରେ କୁହାଯାଇଛି ଯେ, ଓଡ଼ିଶା ଜମି ଜବରଦଖଲ ପ୍ରତିଷେଧ ଆଇନ୍ ୧୯୭୨ ଅନୁଯାୟୀ ଯିଏ ଭୂମିହୀନ ଓ

ଘରଡ଼ିହହୀନ ବୋଲି ବିବେଚିତ ହେବେ, ସେମାନଙ୍କୁ ଏହି ସୁବିଧା ମିଳିବ। ଦ୍ୱିତୀୟତଃ, ଦୀର୍ଘ ଦଶବର୍ଷ ଧରି ସେ ଜବରଦଖଲ ସ୍ଥାନକୁ ନିଜ ଆୟତ୍ତରେ ରଖିଥିବେ। ତୃତୀୟତଃ ଏବଂ ସର୍ବୋପରି ତାଙ୍କର ଜବରଦଖଲ 'ଆପତ୍ତିଜନକ' **(Objectionable)** ହୋଇ ନଥିବ। ଯଦି ଏହିସବୁ ସର୍ତ୍ତକୁ ସେ ପୂରଣ କରୁଥିବେ, ତେବେ ତାଙ୍କୁ ଚାଷଜମି ବାବଦରେ ସର୍ବୋଚ୍ଚ ୧ ଏକର ଓ ଘରଡ଼ିହ ବାବଦରେ ଯଥାକ୍ରମେ ଗ୍ରାମାଞ୍ଚଳ ବା ସହରାଞ୍ଚଳରେ ୧୦ ଡ଼ିସିମିଲ୍ ବା ୪ ଡ଼ିସିମିଲ୍ କ୍ଷତିପୂରଣ ମିଳିବ। ପୁଣି ସେହି ବ୍ୟକ୍ତିଙ୍କର ଯଦି ଅନ୍ୟତ୍ର କେଉଁଠି ରୟତି ଜମି ଥାଏ, ତେବେ ଉପରୋକ୍ତ ଜମି ବା ଘରଡ଼ିହର ପରିମାଣ ମୋଟେ ମିଳି ନପାରେ ବା ଆଂଶିକ ମିଳିପାରେ। ସୁତରାଂ, ଆମର ଆଶଙ୍କା ହେଉଛି, ଏତେସବୁ ସର୍ତ୍ତ ପାଳନ କରିବା ଗୋଟିଏ ଭୂମିହୀନ ଓ ଘରଡ଼ିହହୀନ ବିସ୍ଥାପିତ ବ୍ୟକ୍ତି ପକ୍ଷେ ସମ୍ଭବ ନୁହେଁ ଏବଂ ଏବଂ ପରିଣାମତଃ ସେ ଏହି ନୀତି ଫଳରେ ମୋଟେ କିଛି ପାଇନପାରେ। (ଦ୍ରଷ୍ଟବ୍ୟ ଧାରା-୯)

୫) ଧାରା ୭(୨) ରେ କୁହାଯାଇଛି ଯେ, ପୁନଃସଂସ୍ଥାନ କାର୍ଯ୍ୟ ଶେଷ ନହେବା ଯାଏ, କୌଣସି ପରିବାରଙ୍କୁ ବିସ୍ଥାପିତ କରାଯିବନି, କିନ୍ତୁ ପୁଣି ଧାରା ୭(୫) ରେ କୁହାଗଲା ଯେ, ନିଜ ଜମିକୁ ଛାଡ଼ିଦେଲା ପରେ ହିଁ ବିସ୍ଥାପିତ ପରିବାର ମାନଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିବ। ପୁଣି ୭(୨)ରେ କୁହାଯାଇଛି ଯେ, ବିସ୍ଥାପିତ ଲୋକମାନଙ୍କ ପୁନର୍ବାସ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି କି ନାହିଁ, ସେ ବିଷୟରେ କେବଳ ଜିଲ୍ଲାପାଳ ହିଁ ପ୍ରମାଣ-ପତ୍ର ଦେବେ। କିନ୍ତୁ ବିସ୍ଥାପିତ ଲୋକଙ୍କ ଠାରୁ ଏ ବିଷୟରେ ପ୍ରମାଣ ନେବାର କୌଣସି ବ୍ୟବସ୍ଥା ଏହି ନୀତିରେ ନାହିଁ।

୬) ଏହି ନୀତିରେ ଗୋଟିଏ ପଟରେ କୁହାଯାଇଛି ଯେ, ଜମିଚାହୁଁଥିବା ପ୍ରକଳ୍ପ କର୍ତ୍ତୃପକ୍ଷ ବା କମ୍ପାନୀ ସିଧାସଳଖ ସମ୍ପୃକ୍ତ ଭୂମିବାନ୍ ପରିବାରଙ୍କ ସହ ଦରକଷାକଷି ମାଧ୍ୟମରେ ଜମି କିଣି ପାରନ୍ତି। କିନ୍ତୁ ପୁଣି ତା'ପରେ କୁହାଯାଇଛି ଯେ, ଯଦି ଏହି ପାରସ୍ପରିକ ମୂଲଚାଲ ବିଫଳ ହୁଏ, ତେବେ ସରକାର ନିଜେ ପ୍ରଚଳିତ ଆଇନ୍ ଅନୁଯାୟୀ ଜମି ଅଧିଗ୍ରହଣ କରିବେ। ପ୍ରଶ୍ନ ଉଠୁଛି, ପ୍ରଥମ ପଦ୍ଧତି ହିଁ ବର୍ତ୍ତମାନର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ସମୁଚିତ ପଦ୍ଧତି ବୋଲି ମନେ ହେଉଥିବା ବେଳେ, ପୁଣି ସରକାର ନିଜେ ଜମି ଅଧିଗ୍ରହଣ କରିବେ ବୋଲି କାହିଁକି ନିୟମ ରଖାଯାଇଛି ? (ଦ୍ରଷ୍ଟବ୍ୟ-ଧାରା ୬)

୭) ଏହି ନୀତିରେ କୁହାଯାଇଛି ଯେ, ନିର୍ଦ୍ଦିଷ୍ଟ-ସମୟ ସୀମା ଭିତରେ ଅଧିଗୃହୀତ ଜମି ସମ୍ପୃକ୍ତ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଦ୍ୱାରା ବ୍ୟବହୃତ ହୋଇ ନପାରିଲେ ତାହା ପୁଣି 'ଫେରିଯିବ' (ଇଂରାଜୀରେ **Resumed**)। କିନ୍ତୁ ଏହି ଜମି କାହା ପାଖକୁ ଫେରିବ ? ସରକାରଙ୍କ ପାଖକୁ ନା ଜମିମାଲିକ ପାଖକୁ ? ଯେଉଁ ଭାଷାରେ ଏହା ଲେଖାଯାଇଛି, ତାହାର ଅର୍ଥ

ଅନେକ ହୋଇପାରେ । ନୀତି ସ୍ୱତନ୍ତ୍ର ଓ ସ୍ପଷ୍ଟ ଭାବେ କହିବା ଦରକାର ଯେ, ଅବ୍ୟବହୃତ ଜମି ପୁଣି ମୂଳ ଜମିମାଲିକ ପାଖକୁ ଫେରିଯିବ । (ଦ୍ରଷ୍ଟବ୍ୟ-ଧାରା ୬)

୮) ଏହି ନୀତିରେ ପ୍ରତି ଶିଳ୍ପପ୍ରକଳ୍ପ ଦ୍ୱାରା ବିସ୍ଥାପିତ ପରିବାରଙ୍କୁ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଛି । କିନ୍ତୁ ପୁଣି କୁହାଯାଇଛି, ପ୍ରକଳ୍ପ କର୍ତ୍ତୃପକ୍ଷ ବା ସମ୍ପୃକ୍ତ କମ୍ପାନୀ କୌଣସି ଲିଖିତ କାରଣ ଦର୍ଶେଇ ନିଯୁକ୍ତି ଦେଇ ନପାରନ୍ତି । ତା'ପରେ ପୁଣି କୁହାଯାଇଛି, ନିଯୁକ୍ତି ନ ଦେଇ ପାରିଲେ ଏକକାଳୀନ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହି ଉଦ୍ଦେଶ୍ୟରେ ବିସ୍ଥାପିତ ପରିବାରମାନଙ୍କୁ ୫ ଭାଗରେ ବିଭକ୍ତ କରାଯାଇଛି, ଯଥା - ୧) ଘରଡ଼ିହ ଓ ସମସ୍ତ ଜମି ହରାଉଥିବା, (୨) ଘରଡ଼ିହ ଓ ଦୁଇ ତୃତୀୟାଂଶ ଜମି ହରାଉଥିବା, (୩) ଘରଡ଼ିହ ଓ ଏକ ତୃତୀୟାଂଶ ଜମି ହରାଉଥିବା, (୪) ଜମିକୁ ଛାଡ଼ି କେବଳ ଘରଡ଼ିହ ହରାଉଥିବା, ଏବଂ (୫) ଘରଡ଼ିହକୁ ଛାଡ଼ି କେବଳ ଜମି ହରାଉଥିବା । ପ୍ରଥମ ୩ ପ୍ରକାର ପରିବାର ଯଥାକ୍ରମେ ୫ ଲକ୍ଷ, ୩ ଲକ୍ଷ ଓ ୨ ଲକ୍ଷ ଟଙ୍କା ହିସାବରେ ପାଇବେ ଏବଂ ଶେଷୋକ୍ତ ୨ ପ୍ରକାରର ପରିବାର ପ୍ରତ୍ୟେକ ଏକ ଲକ୍ଷ ଟଙ୍କା ହିସାବରେ ପାଇବେ । ଏହି ବ୍ୟବସ୍ଥା ଅନୁଯାୟୀ ଯଦି ଜଣେ ବ୍ୟକ୍ତି ଘରଡ଼ିହ ହରାଉନଥିବ, ଅଥଚ ୫ ଏକର, କି ୩ ଏକର, କି ୨ ଏକର ଚାଷ ଜମି ହରାଉଥିବ, ସେ ମାତ୍ର ଏକଲକ୍ଷ ଟଙ୍କା ପାଇବ । ସେହିପରି ପ୍ରଥମ ଶ୍ରେଣୀର ପରିବାର କ୍ଷେତ୍ରରେ, ଜଣେ ବ୍ୟକ୍ତି ଯେତେ ପରିମାଣର ଘରଡ଼ିହ ଏବଂ ଚାଷଜମି ହରାଉ ଥାଉନା କାହିଁକି (୫ ଏକର, ୩ ଏକର କି ୨ ଏକର), ସେ ମୋଟ ୫ ଲକ୍ଷ ଟଙ୍କା ପାଇବ । ଏକେତ ଏହି ଅର୍ଥ ପରିମାଣ ଅତ୍ୟନ୍ତ ସ୍ୱଳ୍ପ, ଅନ୍ୟପଟରେ ଏହି ଅର୍ଥ ପରିମାଣ ଗୋଟିଏ ପରିବାର ହରାଉଥିବା ଘରଡ଼ିହ କି ଚାଷଜମିର ପରିମାଣ ସହ ସମାନୁପାତିକ ନୁହେଁ । ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ପରିବାରମାନଙ୍କ ପାଇଁ ମଧ୍ୟ ଏ ପ୍ରକାର 'ଧୂଆ ମୂଳା, ଅଧୁଆ ମୂଳା' ନୀତି ପ୍ରଯୁଜ୍ୟ । ଏହି ନୀତିରେ 'ଜମି ବଦଳରେ ଜମି' କି 'ଜମି ବଦଳରେ ଆନୁପାତିକ କ୍ଷତିପୂରଣ' ବ୍ୟବସ୍ଥା ଶିଳ୍ପ-ପ୍ରକଳ୍ପ ବିସ୍ଥାପିତ ପରିବାର ମାନଙ୍କ ପାଇଁ ନାହିଁ । ସୁତରାଂ ଯିଏ ଯେତେ ଘରଡ଼ିହ ଓ ଚାଷଜମି ହରାଉ ଥାଉନା କାହିଁକି, ତାଙ୍କୁ ଏକକାଳୀନ ନିଯୁକ୍ତି ସହାୟତା ନାଁରେ କେବଳ ୫ ଲକ୍ଷ, ୩ ଲକ୍ଷ, ୨ ଲକ୍ଷ ଓ ୧ ଲକ୍ଷ ଟଙ୍କା ଦେଇ ବିଦା କରିଦେବା ବ୍ୟବସ୍ଥା ଏହି ନୀତିରେ ରଖାଯାଇଛି, ଯାହାକି ଯେ କୌଣସି ଶ୍ରେଣୀର ଚାଷୀ ପରିବାର ପାଇଁ ମୋଟେ ଗ୍ରହଣୀୟ ନୁହେଁ । [ଦ୍ରଷ୍ଟବ୍ୟ ଧରା ୮(୧)]

୯) ଏହି ନୀତିରେ କୁହାଯାଇଛି ଯେ, ପୁନର୍ବାସ ଓ ପୁନଃସଂସ୍ଥାନ ଯୋଜନା ପ୍ରଣୟନ ପରିପ୍ରେକ୍ଷିରେ 'ଗ୍ରାମସଭା' ସହ ପରାମର୍ଶ ବା **Consultation** କରାଯିବ [ଦ୍ରଷ୍ଟବ୍ୟ ଧାରା ୭(୩)]। କିନ୍ତୁ ପୁଣି ସେଥିରେ କୁହାଯାଇଛି ଯେ, କେବଳ ସରକାରଙ୍କ ନିୟମ ପରିସର ଭିତରେ ହିଁ ସୀମିତ ରହି, ଏହି ନୀତିର ବ୍ୟବସ୍ଥାମାନ କାର୍ଯ୍ୟାନ୍ୱୟନ କରାଯିବ [ଦ୍ରଷ୍ଟବ୍ୟ ଧାରା ୭(୬)]। 'ପରାମର୍ଶ'ର ମାନେ କ'ଣ ? ଯେଉଁଠି ଗ୍ରାମବାସୀମାନେ ପୁରାପୁରି ବା ସଂଖ୍ୟାଗରିଷ୍ଠ ଭାବେ ତଥାକଥିତ ପୁନର୍ବାସ ଓ ପୁନଃସଂସ୍ଥାନ ଯୋଜନାକୁ ନାପସନ୍ଦ କରିବେ ବା ଅଯଥେଷ୍ଟ ବୋଲି ମନେ କରିବେ, ସେପରି ସ୍ଥଳେ ସରକାର ଗ୍ରାମବାସୀଙ୍କ ଇଚ୍ଛାକୁ ସମ୍ମାନ ଦେବେ କି ? ପ୍ରସ୍ତାବିତ ରାଜ୍ୟ ବିସ୍ଥାପନ ନୀତିରେ ଏହାର ସୁସ୍ପଷ୍ଟ ଦିଗନିର୍ଦ୍ଦେଶ ରହିବା ବିଧେୟ।

୧୦) 'କ୍ଷତିପୂରଣ' ବା **Compensation** ସମ୍ବନ୍ଧରେ ସଂଜ୍ଞା ଦିଆଯାଇ ଧାରା ୨ (ବି)ରେ କୁହାଗଲା ଯେ, ଏହାର ଅର୍ଥ ଜମି ଅଧିଗ୍ରହଣ ଆଇନ୍ ୧୮୯୪ ଅନୁଯାୟୀ ବୁଝାଯିବ। ଏହି ଅର୍ଥ ଅନୁଯାୟୀ ଉପରୋକ୍ତ ଆଇନ୍‌ର ଧାରା ୨୩ ବଳରେ ଜଣେ ବିସ୍ଥାପିତ ବ୍ୟକ୍ତି ଜମିର ବଜାର ମୂଲ୍ୟ ସହିତ ଆହୁରି ୫ ପ୍ରକାର କ୍ଷତି ଦର୍ଶାଇ ପାରିବ ଓ ସେଥିସକାଶେ କ୍ଷତିପୂରଣ ଦାବୀ କରିପାରିବ। ଏହାଛଡ଼ା ମୋଟ କ୍ଷତିପୂରଣର ଶତକଡ଼ା ୧୫ ଭାଗ ତାଙ୍କୁ ସାନୁଗ୍ରହ ସାହାଯ୍ୟ **(ex-gratia)** ଭାବେ ମିଳିବ। କିନ୍ତୁ ନୀତିର ଧାରା ୬ରେ କୁହାଯାଇଛି ଯେ, ଜଣେ ବ୍ୟକ୍ତିର ଜମି ଓ ଅନ୍ୟାନ୍ୟ ସମ୍ପତ୍ତି ଅଧିଗ୍ରହଣ ତଥା ଏବାବଦରେ କ୍ଷତିପୂରଣ ଦେବା ବ୍ୟାପାରରେ କେବଳ 'ସରକାରଙ୍କ ଦ୍ୱାରା ବିହିତ ହୋଇଥିବା ପଦ୍ଧତି' ଅନୁସରଣ କରାଯିବ। ଏହି ନୀତି ପରିପ୍ରେକ୍ଷିରେ ସରକାର ବୋଇଲେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ [ଦ୍ରଷ୍ଟବ୍ୟ ଧାରା ୨ (ଜି)]। ସୁତରାଂ ଏଭଳି ଆଶଙ୍କା ଜନ୍ମିବା ସ୍ୱାଭାବିକ ଯେ, ପୂର୍ବରୁ ବିଭିନ୍ନ ପ୍ରକାର କ୍ଷତି ପୂରଣ ବାବଦ ଫେରାଦ୍ ହେବାର ଯେଉଁ ସୀମିତ ସୁଯୋଗ ଟିକକ ବିସ୍ଥାପିତଙ୍କ ପାଇଁ ଥିଲା, ତାହା ପ୍ରସ୍ତାବିତ ରାଜ୍ୟ ନୀତି ଫଳରେ ଉଚ୍ଛେଦ ହେବାକୁ ଯାଉଛି।

୧୧) 'ମୂଳ ତାରିଖ' ବା **Cut-off date** କୁ ସୁନିର୍ଦ୍ଦିଷ୍ଟ ଓ ସୁସ୍ପଷ୍ଟ କରିବା ନାଁରେ ପ୍ରସ୍ତାବିତ ବିସ୍ଥାପନ ନୀତି ଧାରା ୨'ସି'ରେ କହିଛି ଯେ, ଯେଉଁ ତାରିଖରେ ଜମି ଅଧିଗ୍ରହଣ ପାଇଁ ନୋଟିସ୍ ଜାରି କରାଯାଇଛି, ତାହାହିଁ କ୍ଷତିପୂରଣ ବ୍ୟାପାରରେ ମୂଳତାରିଖ ବୋଲି ଧରାଯିବ। ଅର୍ଥାତ୍ ଏହି ତାରିଖପରେ ସମ୍ପୃକ୍ତଜମିର କୌଣସି କ୍ଷୟକ୍ଷତି ବାବଦରେ ପାଉଣା ପାଇଁ ଜମିମାଲିକ ଦାବୀ କରିପାରିବେନି ଏବଂ ସେହି ତାରିଖରେ ଜମିର ସରକାରୀ ମୂଲ୍ୟ ଯାହା ଥିବ, ତାହାହିଁ ସେ ଜମିମାଲିକଙ୍କୁ କେବଳ ମିଳିବ ଏବଂ କୌଣସି ଅତିରିକ୍ତ କାରଣରୁ କିଛି

କ୍ଷତିପୂରଣ ମିଳିବ ନାହିଁ । ଏପରି ବ୍ୟବସ୍ଥା ଫଳରେ ଆଗାମୀଦିନର ବିସ୍ଥାପିତ ପରିବାର ଅତୀତର ବିସ୍ଥାପିତ ପରିବାର ତୁଳନାରେ ଅଧିକ ବଞ୍ଚିତ ଓ ପ୍ରବଞ୍ଚିତ ହେବେ, ଏଥିରେ ସନ୍ଦେହ ନାହିଁ ।

୧୨) ନୂତନ ବିସ୍ଥାପନ ନୀତିରେ କ୍ଷତିଗ୍ରସ୍ତ ଓ ପ୍ରଭାବିତ ଲୋକଙ୍କ ଆପତ୍ତିଓଜର ଶୁଣିବାପାଇଁ ଏକ ସ୍ୱତନ୍ତ୍ର, ସ୍ୱୟଂକ୍ରିୟ ଓ ନିରପେକ୍ଷ ଅପିଲ୍ ବ୍ୟବସ୍ଥା ନାହିଁ । ଯେଉଁ ରାଜସ୍ୱ କର୍ତ୍ତୃପକ୍ଷମାନେ ଜମି ଅଧିଗ୍ରହଣ କରିବେ, ସେମାନେ ହିଁ ଆପତ୍ତି ଫଇସଲା କର୍ତ୍ତୃପକ୍ଷଭାବେ ନାମିତ ହୋଇଛନ୍ତି (ଦ୍ରଷ୍ଟବ୍ୟ ଧାରା ୨୦) ଏବଂ ସର୍ବୋପରି ଯେଉଁ ରାଜସ୍ୱ ବିଭାଗ ଜମି ଅଧିଗ୍ରହଣର ମୁଖ୍ୟ କର୍ତ୍ତା, ତାଙ୍କୁ ହିଁ ଏହି ନୀତି ସମ୍ବନ୍ଧରେ କୌଣସି ବିବାଦ ବା ସଂଶୟର ଫଇସଲା, ଏହି ନୀତିର ସଂଶୋଧନ ତଥା ଏହି ନୀତିର କାର୍ଯ୍ୟକାରିତା ପାଇଁ ନିର୍ଦ୍ଦେଶନାମା ଜାରି କରିବାର ଚୂଡ଼ାନ୍ତ କ୍ଷମତା ଦିଆଯାଇଛି । ଅର୍ଥାତ୍ ଯାହା ବିରୁଦ୍ଧରେ ଅଭିଯୋଗ ଅଣାଯିବ, ତାଙ୍କୁ ହିଁ ନିୟାମକ ଓ ବିଚାରକ ପଦବୀରେ ଅବସ୍ଥାପିତ କରାଯାଇଛି । ଏପ୍ରକାର ଏକପାଖିଆ ଓ ଅମଲାତାନ୍ତ୍ରିକ ବ୍ୟବସ୍ଥା ଫଳରେ ସାଧାରଣ ବିସ୍ଥାପିତ ଲୋକେ ସେମାନଙ୍କ ଅଭିଯୋଗର ଉପଯୁକ୍ତ ବିଚାର ଓ ନ୍ୟାୟପ୍ରାପ୍ତି ପାଇଁ ଆଶା କରିବା ସମ୍ପୂର୍ଣ୍ଣଭାବେ ବୃଥା । ସୁତରାଂ ବିସ୍ଥାପିତ ଲୋକଙ୍କ ସମସ୍ତ ପ୍ରକାର ଅଭିଯୋଗ ଓ ଅପିଲ୍‌ର ଶୁଣାଣି ପାଇଁ ତଥା ସମୟବଦ୍ଧ ରୀତିରେ ନ୍ୟାୟ ପ୍ରଦାନ ପାଇଁ ଏକ ସ୍ୱତନ୍ତ୍ର, ସ୍ୱୟଂକ୍ରିୟ ଓ ନିରପେକ୍ଷ ଅପିଲ୍ ସଂସ୍ଥାର ଗଠନ ନିହାତି ଅପରିହାର୍ଯ୍ୟ ।

୧୩) ଏକ ଯଥାର୍ଥ ବିସ୍ଥାପନ ନୀତିରେ କୌଣସି ଘରୋଇ ସଂସ୍ଥାର ଜମି ଦରକାର ପଡ଼ିଲେ ସେ ସିଧାସଳଖ ସମ୍ପୃକ୍ତ ଜମିମାଲିକ ମାନଙ୍କ ସହ ଆପୋଷନାମା ଜରିଆରେ ନିର୍ଦ୍ଧାରିତ ହେଉଥିବା ମୂଲ୍ୟ ଓ ସର୍ତ୍ତ ଭିତ୍ତିରେ ଜମି କିଣିବାର ବ୍ୟବସ୍ଥାକୁ ସ୍ଥାନିତ କରିବା ବାଞ୍ଛନୀୟ । ନୂତନ ରାଜ୍ୟ ବିସ୍ଥାପନ ନୀତିରେ ଏହି ବ୍ୟବସ୍ଥାକୁ ସ୍ୱୀକୃତି ମଧ ଦିଆଯାଇଛି । କିନ୍ତୁ ପୁଣି ବ୍ୟବସ୍ଥା କରାଯାଇଛି ଯେ ଏହି ଆପୋଷ ବୁଝାମଣା ସଫଳ ହୋଇ ନପାରିଲେ, ଜମି ଅଧିଗ୍ରହଣ ଆଇନ୍ ବା ତତୁଲ୍ୟ ଆଇନ୍ ବଳରେ ସରକାର ଜମି ଅଧିଗ୍ରହଣ କରିବେ । (ଦ୍ରବଷ୍ଟ୍ୟ ଧାରା ୬) । ଏହି ଦ୍ୱିତୀୟ ବ୍ୟବସ୍ଥା ଫଳରେ ସରକାର ପୁଣି ପୂର୍ବଭଳି ଜମି କିଣାବିକାର ଦଲାଲ ଭାବେ କାର୍ଯ୍ୟ କରିବେ । ସୁତରାଂ କେବଳ ପ୍ରଥମ ବ୍ୟବସ୍ଥାକୁ ସ୍ୱୀକୃତି ଦେଇ ସରକାର ଘରୋଇ କମ୍ପାନୀ ଓ ଜମି ମାଲିକମାନଙ୍କ ଭିତରେ ହେବାକୁ ଥିବା ଆପୋଷ ମୂଳଚାଲ ପ୍ରକ୍ରିୟାରେ ଏକ ସହାୟକ **(Facilitator)**ର ଭୂମିକା ନେବା ଉଚିତ୍ ବୋଲି ନୂତନ ବିସ୍ଥାପନ ନୀତି ସ୍ପଷ୍ଟଭାବେ ଘୋଷଣା କରିବା ଦରକାର ।

୧୪) କୌଣସି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଯୋଗୁଁ ସର୍ବସାଧାରଣ ବାସିନ୍ଦା କେବଳ ଯେ ସେମାନଙ୍କର ଜମି, ବାସସ୍ଥାନ ଓ ଜୀବିକା ହରାଇଥାନ୍ତି ତାହା ନୁହେଁ ବରଂ ଗୋଚର, ରାସ୍ତା, ପଡ଼ିଆ, ଜଳାଶୟ ଓ ଜଙ୍ଗଲ ଇତ୍ୟାଦି ସମୂହ ପ୍ରାକୃତିକ ସମ୍ପତ୍ତି (common natural resources) ମଧ୍ୟ ହରାଇ ଥାଆନ୍ତି, ଯେଉଁଗୁଡ଼ିକର ବ୍ୟାବାହାରିକ ମୂଲ୍ୟ ସେମାନଙ୍କ ଜୀବନ ଓ ଜୀବିକା ପାଇଁ ଅତ୍ୟନ୍ତ ବେଶୀ । ଏହି ସବୁ ସର୍ବସାଧାରଣ ପ୍ରାକୃତିକ ସମ୍ପତ୍ତିର ମୂଲ୍ୟ ଆକଳନ କିମ୍ବା ଏ ବାବଦରେ କ୍ଷତି ପୂରଣ ବ୍ୟବସ୍ଥା ନୂତନ ବିସ୍ଥାପନ ନୀତିରେ ମୋଟେ ସ୍ଥାନିତ ହୋଇନାହିଁ । (ଦ୍ରଷ୍ଟବ୍ୟ ଧାରା-୬)

୧୫) ଅତୀତର ବିସ୍ଥାପନ ଘଟଣାମାନଙ୍କରୁ ସମସ୍ତଙ୍କ ମନରେ ଏକ ବଦ୍ଧମୂଳ ଧାରଣା ସ୍ଥାନ ପାଇଛି ଯେ, ସରକାର ପ୍ରଥମେ ଘରୋଇ କମ୍ପାନୀ ସହ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଆବଶ୍ୟକ ପଡୁଥିବା ଜମି ଯୋଗାଇଦେବାକୁ ଚୁକ୍ତିବଦ୍ଧ ହେଲାପରେ ସମ୍ପୃକ୍ତ ଜମି ମାଲିକମାନଙ୍କୁ ଜମି ଛାଡ଼ିବାକୁ ନୋଟିସ୍ ଜାରି କରିଥାଆନ୍ତି । ଏହାଫଳରେ ସମ୍ପୃକ୍ତ ଜମି ମାଲିକ କି ସାଧାରଣ ଲୋକେ ଏପରି ଚୁକ୍ତିନାମାର ଉଦ୍ଦେଶ୍ୟ କିମ୍ବା ସର୍ତ୍ତାବଳୀ ଜାଣି ପାରିବାର ବା ତାହା ଉପରେ ନିଜ ମତ ଦେବାର ସୁଯୋଗ ପାଇ ନଥାନ୍ତି । କିନ୍ତୁ ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ସରକାର ଗୋଟିଏ ପ୍ରକଳ୍ପର ପରିକଳ୍ପନା ହେବା ଦିନଠାରୁ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ସହ ଚୁକ୍ତିନାମା ହେବା ପର୍ଯ୍ୟନ୍ତ ସମସ୍ତ ସୂଚନା ଜନସାଧାରଣଙ୍କୁ ସେମାନଙ୍କର ଅବଗତି ଓ ମତାମତ ପାଇଁ ଜଣାଇବା ବାଞ୍ଛନୀୟ । କିନ୍ତୁ ଲୋକଙ୍କୁ ମୂଳରୁ ଏକ ପ୍ରକଳ୍ପ ବିଷୟରେ କୌଣସି ପ୍ରାକ୍‌ସୂଚନା ନଦେଇ ସହସା ଜମି ଅଧିଗ୍ରହଣ ପାଇଁ ନୋଟିସ୍ ଦେବା କାରଣରୁ ସେମାନଙ୍କ ଭିତରେ ଗଭୀର ବିକ୍ଷୋଭ ସୃଷ୍ଟି ହୋଇଥାଏ ଏବଂ ତାହା ହିଁ ପରବର୍ତ୍ତୀ କାଳରେ ବିଦ୍ରୋହର ରୂପ ନେଇଥାଏ । ସୁତରାଂ ପ୍ରସ୍ତାବିତ ପ୍ରକଳ୍ପ ସମ୍ବନ୍ଧରେ ସମ୍ପୃକ୍ତ ଜମିମାଲିକ ଓ ସର୍ବସାଧାରଣଙ୍କ ସହମତି ଓ ସହଯୋଗ ପାଇବା ପାଇଁ ତଥା ସୂଚନା ଅଧିକାର ଆଇନ୍ ୨୦୦୫ର ଧାରା ୪ର ପରିପାଳନାର୍ଥେ ସରକାର ଏକ ପ୍ରସ୍ତାବିତ ପ୍ରକଳ୍ପର ସମସ୍ତ ଦିଗ ବିଷୟରେ ସମ୍ପୃକ୍ତ ଜନଗୋଷ୍ଠୀଙ୍କୁ ତଥା ସର୍ବସାଧାରଣଙ୍କୁ ବିସ୍ତାରିତ ସୂଚନା ପ୍ରଦାନ କରିବା ତଥା ସେମାନଙ୍କର ମତାମତ ଆହ୍ୱାନ କରିବାର ସୁନିର୍ଦ୍ଦିଷ୍ଟ ବ୍ୟବସ୍ଥା ଯେମିତି ହେଲେ ବିସ୍ଥାପନ ନୀତିରେ ସ୍ଥାନ ପାଇବା ଅତୀବ ଜରୁରୀ । କିନ୍ତୁ ପ୍ରସ୍ତାବିତ ରାଜ୍ୟ ବିସ୍ଥାପନ ନୀତିରେ ଏଭଳି ବ୍ୟବସ୍ଥା ସ୍ଥାନିତ ହୋଇନାହିଁ, ବରଂ ପୂର୍ବଭଳି ଜମି ଅଧିଗ୍ରହଣ ବିଜ୍ଞପ୍ତି ଜାରି କରିବା ପରେ ହିଁ ସମ୍ପୃକ୍ତ ଜମି ମାଲିକଙ୍କୁ ଏବଂ ସର୍ବସାଧାରଣଙ୍କୁ ଯାହାକିଛି ଜଣାଇବାର ବ୍ୟବସ୍ଥା କରାଯାଇଛି । ଏହା

ଫଳରେ ପୂର୍ବଭଳି ବିସ୍ଥାପିତ ପରିବାର ଓ ସର୍ବସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଓ ବିକ୍ଷୋଭ ସୃଷ୍ଟିହେବ ଓ ବଢ଼ି ବଢ଼ି ଚାଲିବ ଏଥିରେ ସନ୍ଦେହ ନାହିଁ। [ଦ୍ରଷ୍ଟବ୍ୟ ଧାରା ୪ ଓ ୬]

୧୬) ଅତୀତର ଅଭିଜ୍ଞତାରୁ ଏହା ସାବ୍ୟସ୍ତ ହୋଇଛି ଯେ, ସରକାର ଅତ୍ୟନ୍ତ କମ୍ ମୂଲ୍ୟ ଦେଇ ବିସ୍ଥାପିତ ପରିବାରଙ୍କ ଠାରୁ ଜମି ଅଧିଗ୍ରହଣ କରିଥାନ୍ତି ଓ ସେହି ଜମିକୁ ପ୍ରକଳ୍ପ ମାଲିକ ସମ୍ପୃକ୍ତ କମ୍ପାନୀକୁ ବେଶ୍ ଚଢ଼ା ମୂଲ୍ୟରେ ବିକ୍ରୀ କରିଥାନ୍ତି ଏବଂ ଏହି ଦୁଇଟି ଦାମ୍ ଭିତରେ ଥିବା ବିଶାଳ ବ୍ୟବଧାନ-ରାଶିକୁ ସର୍ବସାଧାରଣଙ୍କୁ ନ ଜଣାଇ ନିଜେ ଦଲାଲ ଭଳି ହଡ଼ପ କରିଥାନ୍ତି। ଏହି ବିଶାଳ ଅର୍ଥରାଶି କୁଆଡ଼େ ଯାଏ, ତାହା ମଧ୍ୟ କେହି ଜାଣନ୍ତି ନାହିଁ। କଳିଙ୍ଗ ନଗର ପାଇଁ ଜମି ଅଧିଗ୍ରହଣର ପ୍ରଲମ୍ବିତ ଓ ସଂଘର୍ଷମୟ ଘଟଣାକ୍ରମରୁ ସରକାରଙ୍କ ଦ୍ୱାରା ସୁଦୂର ଅତୀତରୁ ଚାଲି ଆସୁଥିବା ଏହି ବିଚିତ୍ର ହେରାଫେରି କାରବାରର ସତ୍ୟତା ଉଦ୍‌ଘାଟିତ ଓ ସାବ୍ୟସ୍ତ ହୋଇସାରିଛି। ଏକ ଜନମଙ୍ଗଳ ରାଷ୍ଟ୍ରରେ ପ୍ରକଳ୍ପ ମାଲିକ ବା ଏକ ଘରୋଇ କମ୍ପାନୀ ଲୋକଙ୍କ ଜମି ବାବଦ ଯେତିକି ମୂଲ୍ୟ ଦେଉଛି, ତାହା ପୁରାପୁରି ସମ୍ପୃକ୍ତ ଜମିମାଲିକ ଓ ସ୍ଥାନୀୟ ଅଧିବାସୀମାନଙ୍କ ପାଖକୁ ଯିବା କଥା। ସରକାର ଚାହିଁଲେ ଏହି ଦେଣନେଣ ପ୍ରକ୍ରିୟାରେ ଲୋକଙ୍କ ପକ୍ଷନେଇ ସହାୟକ **(Facilitator)** ହୋଇପାରନ୍ତି, କିନ୍ତୁ ମଝିରେ ପଶି ଲୋକଙ୍କ ପ୍ରାପ୍ୟ ହଡ଼ପ କରୁଥିବା ଦଲାଲ୍ ନୁହେଁ। ବଡ଼ ବିସ୍ମୟର କଥା, ନୂତନ ରାଜ୍ୟ ବିସ୍ଥାପନ ନୀତିରେ ପ୍ରକଳ୍ପ ମାଲିକ ବା ଘରୋଇ କମ୍ପାନୀକୁ କେଉଁ ମୂଲ୍ୟରେ ସରକାର ଜମି ଯୋଗାଇ ଦେଉଛନ୍ତି, ସେ ବିଷୟରେ ସମ୍ପୃକ୍ତ ଜମିମାଲିକ କିମ୍ବା ସର୍ବସାଧାରଣଙ୍କୁ ସୂଚନା ଦେବାର କୌଣସି ବ୍ୟବସ୍ଥା ସ୍ଥାନିତ ହୋଇନାହିଁ। ଫଳତଃ ନୂତନ ନୀତି କାର୍ଯ୍ୟକାରୀ ହେଲେ ସରକାରଙ୍କ ନିହିତ-ସ୍ୱାର୍ଥ-ଭିତ୍ତିକ ମଧ୍ୟସ୍ଥତା ବା ଦଲାଲି ପୂର୍ବବତ୍ ବଜାୟ ରହିବ, ଏଥିରେ ସନ୍ଦେହ ନାହିଁ। (ଦ୍ରଷ୍ଟବ୍ୟ ଧାରା ୪ ଓ ୬)

୧୭) ନୂତନ ରାଜ୍ୟ ବିସ୍ଥାପନ ନୀତିରେ ପୁନର୍ବାସ ଓ ପୁନଃସଂସ୍ଥାନ ପାଇଁ କେତେକ ନୂତନ ସଂସ୍ଥା ଗଠନ କରାଯିବାର ପ୍ରସ୍ତାବ ରହିଛି ଯଥା : ପୁନଃସଂସ୍ଥାନ ଓ ପରିପାର୍ଶ୍ୱ ଉନ୍ନୟନ ଉପଦେଷ୍ଟା କମିଟି, ରାଜ୍ୟସ୍ତରୀୟ ପୁନର୍ବାସ ଓ ପୁନଃସଂସ୍ଥାନ ପରିଷଦ, ପୁନର୍ବାସ ଓ ପୁନଃସଂସ୍ଥାନ ନିର୍ଦ୍ଦେଶାଳୟ ତଥା କ୍ଷତିପୂରଣ ଉପଦେଷ୍ଟା କମିଟି। ପ୍ରଥମ ଦୁଇଟି ସଂସ୍ଥାରେ ଲୋକ ପ୍ରତିନିଧି, ସମାଜ କର୍ମୀ, ବିଶେଷଜ୍ଞ ଓ ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧିମାନେ ସଭ୍ୟ ରହିବେ ଏବଂ ଏହି ଦୁଇଟି ସଂସ୍ଥା ମଧ୍ୟରୁ ପରିଷଦର ଅଧ୍ୟକ୍ଷତା କରିବେ ସ୍ୱୟଂ

ମୁଖ୍ୟମନ୍ତ୍ରୀ ଏବଂ ଉପଦେଷ୍ଟା କମିଟିର ଅଧ୍ୟକ୍ଷଙ୍କ ନାମ ସରକାର ପରେ ଘୋଷଣା କରିବେ ବୋଲି ସୂଚିତ ହୋଇଛି । ମନେହେବ ଏହି ଦୁଇଟି କମିଟି ଯୋଗୁଁ ବିସ୍ଥାପିତ ଲୋକେ ନ୍ୟାୟ ପାଇପାରନ୍ତି । (ଦ୍ରଷ୍ଟବ୍ୟ ଧରା ୧୫,୧୬,୧୭ ଓ ୧୮) । କିନ୍ତୁ ସୂକ୍ଷ୍ମ ବିଶ୍ଳେଷଣରୁ ଜଣାପଡ଼ିବ ଯେ, ଏହି ଦୁଇଟି କମିଟି ଆଲଙ୍କାରିକ ମାତ୍ର, ବରଂ ଅସଲ ଓ ଚୂଡ଼ାନ୍ତ କ୍ଷମତା ରହିଛି କ୍ଷତି ପୂରଣ କମିଟି ଓ ନିର୍ଦ୍ଦେଶାଳୟ ହାତରେ । ରାଜସ୍ୱ ପରିଷଦ ସଭ୍ୟ ହେଉଛନ୍ତି କ୍ଷତି ପୂରଣ କମିଟିର ଅଧ୍ୟକ୍ଷ, ଯେ କି କ୍ଷତି ପୂରଣ ବ୍ୟାପାରରେ ଚୂଡ଼ାନ୍ତ କ୍ଷମତାର ଅଧିକାରୀ (ଦ୍ରଷ୍ଟବ୍ୟ ଧାରା ୧୫) । ସେହିପରି ପୁନର୍ବାସ ଓ ପୁନଃସଂସ୍ଥାନ ନିର୍ଦ୍ଦେଶାଳୟ ଏହି ନୀତିର ଉଭୟ କାର୍ଯ୍ୟାନ୍ୱୟନ ଓ ତଦାରଖ କରିବେ ଏବଂ ସେ ମଧ୍ୟ ସମସ୍ତ ଆପତ୍ତି-ଅଭିଯୋଗର ଫଇସଲା କରିବେ । (ଦ୍ରଷ୍ଟବ୍ୟ ଧାରା ୧୮ ଓ ୨୦) । ପୁଣି ଆର୍.ଡ଼ି.ସି. ହିଁ ହେଉଛନ୍ତି ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ପରିମାଣର ସର୍ବଶେଷ ନିୟାମକ । (ଦ୍ରଷ୍ଟବ୍ୟ ଧାରା ୪ ଡ଼ି) । ଏହାଛଡ଼ା ପୁନର୍ବାସ କାର୍ଯ୍ୟର ସମ୍ପୂର୍ଣ୍ଣତା ସମ୍ବନ୍ଧରେ ପ୍ରମାଣପତ୍ର ଦେବାର କ୍ଷମତା ରହିଛି କେବଳ ଜିଲ୍ଲାପାଳଙ୍କର [ଦ୍ରଷ୍ଟବ୍ୟ ଧାରା ୭ (୨)] । ସର୍ବୋପରି କୁହାଯାଇଛି ଯେ, ଉପଦେଷ୍ଟା କମିଟିର ନିଷ୍ପତ୍ତି ଯାହା ହେଉନା କାହିଁକି, ସରକାର ଅର୍ଥାତ୍ ରାଜସ୍ୱ ବିଭାଗଙ୍କ ଅନୁମୋଦିତ ନିର୍ଦ୍ଦେଶନାମାକୁ କେହି ଉଲ୍ଲଂଘନ କରିପାରିବେ ନାହିଁ । (ଦ୍ରଷ୍ଟବ୍ୟ ଧରା ୭-୬) । ଏପରିକି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ପରିଷଦର କ୍ଷମତା ରାଜସ୍ୱ ବିଭାଗଙ୍କ କ୍ଷମତା ତୁଳନାରେ ନଗଣ୍ୟ ବୋଲି ମନେହୁଏ । କାରଣ ଏହି ନୀତିର କାର୍ଯ୍ୟକାରିତା ସମ୍ବନ୍ଧରେ ଯେକୌଣସି ପ୍ରସଙ୍ଗ ବା ସନ୍ଦେହ ଉପରେ ଚୂଡ଼ାନ୍ତ ଓ ସର୍ବମାନ୍ୟ ରାଏ ଦେବାର କ୍ଷମତା କେବଳ ସରକାରଙ୍କ ରାଜସ୍ୱ ବିଭାଗ ହାତରେ ରହିବ । (ଦ୍ରଷ୍ଟବ୍ୟ ଧରା ୨୨-ଏ) । ଏହିପରି ଦେଖିବାକୁ ଗଲେ, ପୁନର୍ବାସ ଓ ପୁନଃସଂସ୍ଥାନର ସମସ୍ତ ଗୁରୁତ୍ୱପୂର୍ଣ୍ଣ ବ୍ୟାପାରରେ ସରକାରଙ୍କ ରାଜସ୍ୱ ବିଭାଗର ଅମଲାମାନଙ୍କ ପ୍ରାଧାନ୍ୟ ଓ କର୍ତ୍ତୃତ୍ୱ ବଜାୟ ରହିବ । ଏହି ଅମଲାତାନ୍ତ୍ରିକ ବଳୟକୁ ଅତିକ୍ରମ କରି ବିସ୍ଥାପିତ ପରିବାର ବା ପ୍ରଭାବିତ ସର୍ବସାଧାରଣ ସେମାନଙ୍କ ଭିନ୍ନମତ କି ଆପତ୍ତି-ଅଭିଯୋଗ ଉପରେ ଏକ ନିରପେକ୍ଷ ନ୍ୟାୟବିଚାର ଆଶା କରିବାର ପ୍ରଶ୍ନ ମୋଟେ ଉଠୁନାହିଁ । ଜମି ଅଧିଗ୍ରହଣ ସମ୍ପର୍କିତ ସମସ୍ତ ବିବାଦକୁ ଏକ ନିରପେକ୍ଷ ଓ ସମୟବଦ୍ଧ ଢଙ୍ଗରେ ଫଇସଲା କରିବା ପାଇଁ ପ୍ରଚଳିତ ପ୍ରଶାସନ ଓ ଅଦାଲତି ବ୍ୟବସ୍ଥା ବାହାରେ ଏକ ସ୍ୱତନ୍ତ୍ର ଓ ସ୍ୱୟଂପରିଚାଳିତ 'ରାଜ୍ୟ ଥଇଥାନ କମିଶନ' ଗଠନ କରାଯିବ ବୋଲି ନୂତନ ରାଜ୍ୟନୀତି ଠାରୁ ଆଶା କରା ଯାଉଥିଲା । କିନ୍ତୁ ତାହା ତ ଧୂଳିସାତ୍ ହୋଇଗଲା, ଅନ୍ୟ ପକ୍ଷରେ ପାରମ୍ପରିକ କୋର୍ଟର କ୍ଷମତା ପରିବର୍ତ୍ତେ ଜମି

ଅଧିଗ୍ରହଣକାରୀ ରାଜସ୍ୱ ବିଭାଗ ହାତରେ ବିବାଦ-ମୀମାଂସାର ସର୍ବଶେଷ କର୍ତ୍ତୃତ୍ୱ ନ୍ୟସ୍ତ କରି ଦିଆଗଲା । ଅର୍ଥାତ୍ ଏହି ନୀତି ଅନୁଯାୟୀ ଚୋର, ପୋଲିସ୍ ଓ ଜଜ୍ ଭୂମିକାରେ ଜଣେ ବ୍ୟକ୍ତି ହିଁ ରହିବେ ।

୧୮) ଏହି ନୀତିରେ ସରକାର ପ୍ରକଳ୍ପ କର୍ତ୍ତୃପକ୍ଷ ବା ଘରୋଇ କମ୍ପାନୀମାନଙ୍କ ଚାହିଦା ମୁତାବକ ଲୋକଙ୍କ ଠାରୁ ଜମି ଅଧିଗ୍ରହଣ କରିବେ ବୋଲି ସୁନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି । କିନ୍ତୁ ବିସ୍ଥାପିତ ଲୋକଙ୍କ ପୁନର୍ବାସ ଓ ପୁନଃସଂସ୍ଥାନ ପାଇଁ ଉତ୍ତରଦାୟିତ୍ୱକୁ ସରକାର ଅତ୍ୟନ୍ତ ସୁଚତୁରଭାବେ ଏଡ଼ାଇ ଯାଇ ପ୍ରକଳ୍ପ କର୍ତ୍ତୃପକ୍ଷ ବା ଘରୋଇ କମ୍ପାନୀ ଏସବୁ କରିବେ ବୋଲି କୁହାଯାଇଛି । ଉଦାହରଣ ସ୍ୱରୂପ, ଶିଳ୍ପ-ପ୍ରକଳ୍ପ ବିସ୍ଥାପିତ ପରିବାରମାନଙ୍କୁ ନିଯୁକ୍ତି ସାହାଯ୍ୟ, ଆତ୍ମ-ନିଯୁକ୍ତି ତାଲିମ୍, ଗୃହନିର୍ମାଣ ସାହାଯ୍ୟ, ଦୋକାନ ଓ ଅନ୍ୟାନ୍ୟ ସେବା ସଂସ୍ଥା ନିର୍ମାଣ ଇତ୍ୟାଦି ପ୍ରାପ୍ୟକୁ ଯୋଗାଇଦେବା ହେଉଛି ପ୍ରକଳ୍ପ କର୍ତ୍ତୃପକ୍ଷ ବା ଘରୋଇ କମ୍ପାନୀମାନଙ୍କର କର୍ତ୍ତବ୍ୟ ବୋଲି କୁହାଯାଇଛି । [ଦ୍ରଷ୍ଟବ୍ୟ : ଧାରା ୮(୧)] । କିନ୍ତୁ ବିସ୍ଥାପିତ ଲୋକେ ସେମାନଙ୍କଠାରୁ ଏହିସବୁ ପ୍ରାପ୍ୟ କିଭଳି ଓ କେତେଦିନ ଭିତରେ ପାଇବେ, ଏବଂ ଯଦି ନପାଆନ୍ତି, ତେବେ ସେମାନେ କ'ଣ କରିବେ, ଏ ବିଷୟରେ ବର୍ତ୍ତମାନର ନୀତି ନୀରବ । ପ୍ରଶ୍ନ ହେଉଛି, ଯଦି ସରକାର ଜମି ଅଧିଗ୍ରହଣ କରୁଛନ୍ତି, ତେବେ ପୁନର୍ବାସ ଓ ପୁନଃସଂସ୍ଥାନର ଉତ୍ତରଦାୟିତ୍ୱ ପୁରାପୁରି ସରକାଙ୍କ ଉପରେ ନ୍ୟସ୍ତ ରହିବା ଉଚିତ୍ ନୁହେଁ କି ? ଅନ୍ୟପକ୍ଷରେ ଯଦି ଘରୋଇ ପ୍ରକଳ୍ପ ମାଲିକମାନେ ଲୋକଙ୍କ ସିଧାସଳଖ କଥାବାର୍ତ୍ତା ଓ ମୂଲଚାଲ କରି ଜମି କିଣନ୍ତେ, ତେବେ ଲୋକମାନେ ସେମାନଙ୍କଠାରୁ ଜମି କ୍ରୟ-ବିକ୍ରୟ ବେଳେ ନିଜର ସମସ୍ତ ସର୍ତ୍ତ ହାସଲ କରିପାରନ୍ତେ । ସୁତରାଂ ଯଦି ସରକାର ଘରୋଇ ପ୍ରକଳ୍ପ-ମାଲିକଙ୍କ ପକ୍ଷନେଇ ଜମି ଅଧିଗ୍ରହଣ କରୁଛନ୍ତି, ତେବେ ସରକାର ହିଁ ଲୋକଙ୍କ ପୁନର୍ବାସ ଓ ପୁନଃସଂସ୍ଥାନର ସମସ୍ତ ଦାୟିତ୍ୱ ନିଜେ ବହନ କରିବା ଏବଂ ଏଥିଲାଗି ଉତ୍ତରଦାୟୀ ରହିବା ପାଇଁ ଏହି ନୀତି ସ୍ପଷ୍ଟଭାବେ ଘୋଷଣା କରିବା ଦରକାର ।

ବିସ୍ଥାପିତ ଲୋକଙ୍କୁ କ୍ଷତିପୂରଣ ଓ ଥଇଥାନ ସମ୍ବନ୍ଧରେ ଉପରୋକ୍ତ ପ୍ରଶ୍ନ ଓ ସଂଶୟ ଦେଖାଯାଇଥିବାରୁ ଆମର ବିନୀତ ଅନୁରୋଧ, ଆପଣ ରାଜ୍ୟସରକାର ଘୋଷଣା କରିଥିବା 'ଓଡ଼ିଶା ପୁନର୍ବାସ ଓ ପୁନଃସଂସ୍ଥାନ ନୀତି -୨୦୦୬' ଉପରେ ସମାଜର ସବୁସ୍ତରର, ବିଶେଷକରି ପ୍ରକଳ୍ପପ୍ରଭାବିତ ଅଞ୍ଚଳର ଜନସାଧାରଣଙ୍କୁ ଜଡ଼ିତ କରି ଏକ ବ୍ୟାପକ ଜନବିତର୍କ ପାଇଁ ନିର୍ଦ୍ଦେଶ ଦିଅନ୍ତୁ ଓ ତା'ପରେ ଏହାକୁ ଚୂଡ଼ାନ୍ତ ରୂପ ଦିଆଯାଉ ।

॥ ଇତି ॥

ଆପଣଙ୍କର ବିଶ୍ୱସ୍ତ